# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 27 June – 2026

*********************************

## ମୁଖ୍ୟ ସମ୍ବାଦ

- ସଶକ୍ତ ଏବଂ ଗତିଶୀଳ **MSME** ପରିବେଶ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ରାଜ୍ୟ ସରକାର

– ଭୁବନେଶ୍ୱରଠାରେ ବିଶ୍ୱ **MSME** ଦିବସ ଅବସରରେ ଅପରାହ୍ନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

- 'ମନ୍ କି ବାତ୍'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଶ୍ରୀଜୀଉଙ୍କ ପବିତ୍ର ସ୍ନାନଯାତ୍ରାକୁ ଶୃଙ୍ଖଳିତ  ଭାବେ ସମାପନ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଏବଂ

- ମହାନଦୀ ଜଳ ବିବାଦ ନେଇ ଆଜି ଟ୍ରିବ୍ୟୁନାଲରେ ହେବ ଶୁଣାଣି

Desk

# ଏମ୍‌ଏସ୍‌ଏମ୍‌ଇ ଦିବସ

ବିଶ୍ୱ ଅର୍ଥନୀତିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେଗୁଡ଼ିକର ଅଭିବୃଦ୍ଧି ସହିତ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ **MSME** ଦିବସ ପାଳନ କରାଯାଉଛି । ଦେଶର ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ **MSME** କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଉଦ୍ଭାବନ ଏବଂ ନିରନ୍ତର ଶିଳ୍ପ ବିକାଶ ମାଧ୍ୟମରେ **MSME**କୁ ସଶକ୍ତ କରିବା'। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଉଦ୍ୟୋଗୀ, କାରିଗର, ଷ୍ଟାର୍ଟ ଅପ୍ ଉଦ୍ୟୋଗୀ ଏବଂ **MSME** ସହ ଜଡ଼ିତ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏକ ସଶକ୍ତ ଓ ଗତିଶୀଳ **MSME** ପରିବେଶ ଗଠନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। **MSME** କ୍ଷେତ୍ରର ପ୍ରୟାସ ଯୋଗୁଁ ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବା ସହ ନୂତନ ଜୀବିକା ଓ ରୋଜଗାର ସୃଷ୍ଟି ହେଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁଁ **MSME** କ୍ଷେତ୍ର ବିକାଶ ଲାଭ କରୁଥିବା କହିଛନ୍ତି ଉଦ୍ୟୋଗୀ ସାତ୍ତ୍ୱିକ ସ୍ୱାଇଁ...

**- V/O -**

ବିଶ୍ୱ **MSME** ଦିବସ ଅବସରରେ ଆଜି ଅପରାହ୍ନରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଉଦ୍ୟମୀ ଓଡ଼ିଶା **MSME** କାର୍ଯ୍ୟକ୍ରମ ଏବଂ ମହିଳା ଉଦ୍ୟମିତା ମଞ୍ଚ' ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ଗଞ୍ଜାମର ବରପାଲୀ ଏବଂ କଳାହାଣ୍ଡିର କେସିଙ୍ଗାଠାରେ **MSME** ପାର୍କର ଉଦ୍‌ଘାଟନ ଓ ୨୫ଟି **MSME** ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବେ। ଏହା ସହିତ ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର୍ ଉଦ୍‌ଘାଟନ ଏବଂ ପାହାଳ ରସଗୋଲା କ୍ଲଷ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

Desk

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୫ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ

ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

Desk

## ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ମାସ ୪ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହା ପୂର୍ବରୁ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଡିଜି କ୍ୟାମ୍ପ ଅଫିସରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା' ଭୁବନେଶ୍ୱର ସପ୍ତମ ବାଟାଲିୟନ୍ ପଡ଼ିଆରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶା ପୁଲିସକୁ ରାଷ୍ଟ୍ରପତି ପତାକା ସମ୍ମାନ ପ୍ରଦାନ କରିବେ। ମନ୍ତ୍ରୀ ଶ୍ରୀ ଶାହା ଏହି ଅବସରରେ ରାଜ୍ୟ ସରକାରଙ୍କ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

Desk

## ସାଇବର ଅପରାଧ

ସାଇବର ଅପରାଧ ସମ୍ପର୍କିତ ତଥ୍ୟ ପ୍ରଦାନ ଏବଂ ଏହାର ମୁକାବିଲା ଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାର ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ

କୁହାଯାଇଛି । ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ପ୍ରତିଷ୍ଠା ହେଲେ ସାଇବର ଅପରାଧର ପ୍ରତିରୋଧ, ତଦନ୍ତ, ସୂଚନା ବିନିମୟ ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ସହ ସମସ୍ତ ସୂଚନା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରକୁ ପ୍ରଦାନ କରାଯାଇପାରିବ । ଏହା ମାଧ୍ୟମରେ ସାଇବର ଠକେଇ, ଅନଲାଇନ୍ ଆର୍ଥିକ ଜାଲିଆତି, ଡିଜିଟାଲ ଗିରଫ ଭଳି ଅପରାଧର ଶୀଘ୍ର ତଦନ୍ତ କରାଯାଇପାରିବ । ସୂଚନା ଅନୁଯାୟୀ, ଏହି ସମନ୍ୱୟ କେନ୍ଦ୍ରରେ ଜଣେ ଡି.ଆଇ.ଜି. ସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୦ଟି ରାଜ୍ୟରେ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ ହୋଇସାରିଛି ।

Puri

## ମହାପ୍ରଭୁଙ୍କ ସ୍ନାନଯାତ୍ରା

ଶ୍ରୀଜୀଉଙ୍କ ପବିତ୍ର ସ୍ନାନ ଯାତ୍ରା ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଆଜି ଶ୍ରୀମନ୍ଦିରରେ ଦଇତାପତିମାନଙ୍କର ପ୍ରବେଶ ନୀତି  ହୋଇଯାଇଛି । ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଦଇତାପତି ସେବକଙ୍କର ଶ୍ରୀମନ୍ଦିରରେ ଗୁରୁଦାୟିତ୍ୱ ରହିଥାଏ । ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ସେନାପଟ୍ଟା ଓ ବାହୁଟ କଣ୍ଠା ଲଗା ଯାଇଥାଏ । ଦଇତାପତି ସେବକମାନେ ଶ୍ରୀଜୀଉଙ୍କର ଅଣସର ଗୁପ୍ତନୀତି ସହିତ ନବଦିନାତ୍ମକ ରଥଯାତ୍ରା କାର୍ଯ୍ୟ ତୁଲାଇଥାନ୍ତି ।

ସ୍ନାନଯାତ୍ରା ପହଣ୍ଡି ପାଇଁ ଦକ୍ଷିଣ ଦ୍ୱାର ଦେଇ ପରିମାଣିକ ଟିକେଟ ଦର୍ଶନଧାରୀ ପ୍ରବେଶ କରିବେ। ଶ୍ରଦ୍ଧାଳୁ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ସହିତ ସ୍ନାନମଣ୍ଡପରେ ଦର୍ଶନ ପରେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଦୁର୍ଲଭ ହାତୀ ବେଶ ଦର୍ଶନ ଓ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ପ୍ରତିକ୍ରିୟାରେ କହିଛନ୍ତି।

**- V/O - Arabinda Padhi**

ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ପୂର୍ଣ୍ଣ ସହରକୁ ସିସିଟିଭି ସର୍ବେକ୍ଷଣରେ ରଖାଯାଇଛି। ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଛନ୍ତି।

**- V/O - Pratik Singh**

Desk

# ମହାନଦୀ ଜଳ ବିବାଦ

ମହାନଦୀ ଜଳବଣ୍ଟନ ବିବାଦର ସମାଧାନ ନେଇ ଆଜି ଜଳ ବିବାଦ ଟ୍ରିବ୍ୟୁନାଲରେ ଶୁଣାଣି ହେବ। ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଗଠିତ କମିଟି ଚଳିତ ମାସ ୧୬ ତାରିଖରୁ ୧୧ ଦିନ ଧରି ଜଳବଣ୍ଟନ ନେଇ ବୈଷୟିକ ଆଇନଗତ ଓ ପ୍ରଶାସନିକ ଦିଗ ସମ୍ପର୍କରେ

ଆଲୋଚନା କରିଥିଲେ। ଆଜି ଟ୍ରିବ୍ୟୁନାଲରେ ଆଲୋଚନା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ ହେବାର ସମ୍ଭାବନା ରହିଛି। କମିଟି ଜଳବଣ୍ଟନର ପ୍ରକ୍ରିୟା, ଜଳ ଉପଲବ୍ଧତା, ଉପରମୁଣ୍ଡରେ ନିର୍ମିତ ପ୍ରକଳ୍ପଗୁଡ଼ିକର ପ୍ରଭାବ, ଜଳ ପ୍ରବାହ ସମ୍ପର୍କିତ ତଥ୍ୟର ସମନ୍ୱୟ ଓ ନଦୀ ଅବବାହିକା ପରିଚାଳନା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଆଲୋଚନା ମାଧ୍ୟମରେ ସହମତି ଭିତ୍ତିରେ ଜଳ ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ପ୍ରୟାସ ଜାରି ରଖିଛନ୍ତି।

Railway

## ରେଳ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସମୀକ୍ଷା

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଟିଟିଲାଗଡ଼–ମୁନିଗୁଡ଼ା ସେକସନ୍‌ର ନିରୀକ୍ଷଣ କରିଛନ୍ତି। ଏହି ସେକସନ୍‌ର ବିଭିନ୍ନ ଷ୍ଟେସନ୍‌ର ନିରାପତ୍ତା ଓ ଟ୍ରାଫିକ ବ୍ୟବସ୍ଥା, ଯାତ୍ରୀ ସୁବିଧା ଏବଂ ଜାରି ରହିଥିବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ସେ ସମୀକ୍ଷା କରିଛନ୍ତି। ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଚାଲିଥିବା ପୁନଃ ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଶ୍ରୀ ଫୁଙ୍କୱାଲ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକ ଶେଷ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

Kendrapada

## ସ୍ୱଚ୍ଛତା ଅଭିଯାନ

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ସାଂସଦ ମନମୋହନ ସାମଲ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଯାଇ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ବାରୋ ଶକ୍ତିକେନ୍ଦ୍ର ପଥର ଖଣି ମଣ୍ଡଳ ପକ୍ଷରୁ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ସାମଲ ତରାଣ୍ଡୋ ବଟ୍ଟ ମହାପୁରୁଷ ପୀଠ ପରିସର ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଦଳୀୟ ବିଧାୟକ ଓ କର୍ମୀମାନେ ଯୋଗ ଦେଇଥିଲେ।

Nabarangpur

## ଜନସମ୍ପର୍କ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ମେଡ଼ନା ଓ ଚଚରାଗୁଡ଼ା ଗ୍ରାମରେ ଆୟୋଜିତ ଜନ ସମ୍ପର୍କ କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଛନ୍ତି। କେନ୍ଦ୍ରରେ ଏନ୍.ଡି.ଏ. ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରୀ ମାଝୀ’ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ‘ଏକ ପେଡ଼ ମା’ କେ ନାମ’ ଅଧୀନରେ ଚାରା ବଣ୍ଟନ କରାଯାଇଥିଲା।

Boudh

## ବିକାଶରଧାରା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ଟାଉନହଲଠାରେ ‘ବିକାଶ ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷର ଶାସନକାଳରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ସଶକ୍ତୀକରଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହା ସାଧାରଣ ଲୋକଙ୍କ ଜୀବନଯାତ୍ରାରେ

ସକାରାତ୍ମକ ପରିବର୍ତ୍ତନ ଆଣିଛି ବୋଲି ବିଧାୟକ କହ୍ନାଇ ଚରଣ ଡାଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ। ଓଡ଼ିଶାର ବିକାଶ ଯାତ୍ରାରେ ଦୁଇ ବର୍ଷର ସଫଳତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବା ସହିତ ଭବିଷ୍ୟତର ରୂପରେଖ ଭିଜନ-୨୦୩୬ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

Bhadrak

## ପ୍ରଶିକ୍ଷଣ ଶିବିର

ରାଜ୍ୟ ସରକାରଙ୍କ ଆଇନ ବିଭାଗ ଏବଂ ସାଧାରଣ ପ୍ରୋସିକ୍ୟୁସନ ନିର୍ଦ୍ଦେଶାଳୟ ପକ୍ଷରୁ ଭଦ୍ରକ ଜିଲ୍ଲାର ଅଣକ୍ୟାଡରଭୁକ୍ତ ସରକାରୀ ଆଇନଜୀବୀମାନଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭାରତୀୟ ନ୍ୟାୟ ସଂହିତା, ନୂତନ ଆଇନର ଧାରା ଓ ଉପଧାରା ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

Kendujhar

## ଏସ୍.ଆଇ.ଆର୍

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆସନ୍ତାକାଲି ଶେଷ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲା ଏ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଚମ୍ପୁଆ, ପାଟଣା, ଆନନ୍ଦପୁର, କେନ୍ଦୁଝର ସଦର, ତେଲକୋଇ ଓ ଘସିପୁରାରେ

ପରିଗଣନା ଫର୍ମର ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ଶେଷ ହୋଇଛି।

HS

## ପାଣିପାଗ

ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାଠାରେ ୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।